# ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ; ଉଦଳା

ପତ୍ର ସଂଖ୍ୟା 89 ତା 22.01.2021 ରିଖ

## ବିଜ୍ଞାପନ

ଓଡ଼ିଶା ସରକାରଙ୍କ ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥା , (SUDA), ଭୁବନେଶ୍ବର ବିଭାଗ ପତ୍ର ସଂଖ୍ୟା ୩୨୯୧ ତା ୧୦. ୧୨. ୨୦୨୦ ଅନୁଯାୟୀ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧିନସ୍ତ ସମସ୍ତ ମିଶନ ଶକ୍ତି ଗୋଷ୍ଠୀ ମାନଙ୍କୁ ଜଣାଇଦିଆଯାଉଛି ଯେ ମିଶନ ଶକ୍ତି ଗୋଷ୍ଠୀର ଯେ କୌଣସି ସଭ୍ୟା ନିମ୍ନଲିଖିତ ଯୋଗ୍ଯତା ଅନୁଯାୟୀ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦରେ ଜଳ କର ଆଦାୟ ନିମନ୍ତେ ଜଳସାଥୀ ପଦବୀ ପାଇଁ ଆବେଦନ କରିପାରିବେ । ମିଶନ ଶକ୍ତି ଗୋଷ୍ଠୀର ସଦସ୍ୟା ଏକ ନିର୍ଦ୍ଧାରିତ ଫର୍ମରେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ଆବେଦନ କରିବେ । ଦରଖାସ୍ତଟି ତା ୨୯.୦୧.୨୦୨୧ ରିଖ ଅପରାହ୍ନ ୧ ଘଟିକା ସୁଦ୍ଧା ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ଆବେଦନ ବାକ୍ସରେ ପକାଇପାରିବେ । କୌଣସି ଦରଖାସ୍ତ ସିଧା ସଳଖ ହାତରେ ଗ୍ରହଣ କରାଯିବ ନାହିଁ ।

ଜଳସାଥୀ ଚୟନ ନିମନ୍ତେ ଯୋଗ୍ୟତା :-

ଜଳସାଥୀ ଚୟନ ନିମନ୍ତେ ଯୋଗ୍ୟତା :-

(୧) ଆବେଦନକାରୀଙ୍କ ବୟସ ୧୮ ରୁ ୪୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।

(୨) ଆବେଦନକାରୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ହୋଇଥିବେ ।

(୩) ଆବେଦନକାରୀ ନ୍ୟୁନତମ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ ।

(୪) ଆବେଦନକାରୀ ୨ ବର୍ଷ ଧରି ସ୍ୱୟଂ ସହାୟକ ଗୋଷ୍ଠୀର ସକ୍ରିୟ ସଦସ୍ୟା ହୋଇଥିବେ ।

(୫) ଆବେଦନକାରୀଙ୍କ ନାମରେ ବ୍ୟାଙ୍କ ଖାତା ଓ ଏ. ଟି. ମ. (ATM) ଥିବା ଆବଶ୍ୟକ ।

(୬) ଆବେଦନକାରୀଙ୍କ ନାମରେ ବ୍ୟକ୍ତିଗତ ସ୍ମାର୍ଟ ଫୋନ ଥିବା ଆବଶ୍ୟକ ।

(୭) ଆବେଦନକାରୀ କୌଣସି ସରକାରୀ ଯୋଜନାରେ କାର୍ଯ୍ୟ କରୁନଥିବେ ।

(୮) ଆବେଦନକାରୀଙ୍କ ନାମରେ କୌଣସି ଅପରାଧିକ ମାମଲା ବା ରାଜନୈତିକ ସମ୍ପୃକ୍ତି ନଥିବ ।

(signature) 22/01/2021

ନିର୍ବାହୀ ଅଧିକାରୀ,
ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ

ପରିପତ୍ର ସଂଖ୍ୟା 90 ତା 22.01.2021

ଏହି ବିଜ୍ଞପ୍ତିର ନକଲ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ୱେବ ସାଇଟ ଓ ବିଜ୍ଞାପନ ଫଳକ, ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ବିଜ୍ଞାପନ ଫଳକ ଏବଂ PHEO ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଉଦଳା ବିଜ୍ଞାପନ ଫଳକରେ ପ୍ରକାଶନ କରାଯାଇ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା । ଏହାର ଏକାକିତ ନକଲ ଶିଶୁ ବିକାଶ ଯୋଜନା ଅଧିକାରୀ / ସହକାରୀ ନିର୍ବାହୀ ଯନ୍ତ୍ରୀ (PHEO), ମୟୂରଭଞ୍ଜ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଗୋଷ୍ଠୀ ସଙ୍ଗଠିକାଙ୍କ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

(signature) 22/01/2021

ନିର୍ବାହୀ ଅଧିକାରୀ,
ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ

# ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ; ଉଦଳା

## ଜଳସାଥୀ ପଦବୀ ନିମନ୍ତେ ଆବେଦନ ଫର୍ମ

| | | |
|---|---|---|
| ୧ | ସଭ୍ୟାଙ୍କ ନାମ | |
| ୨ | ସଭ୍ୟା ବାସ କରୁଥିବା ଅଞ୍ଚଳର ସମ୍ପୂର୍ଣ ଠିକଣା | |
| ୩ | ସଭ୍ୟାଙ୍କର ବୟସ | |
| ୪ | ୱାର୍ଡ ସଂଖ୍ୟା | |
| ୫ | ସ୍ୱୟଂ ସହାୟକ ଗୋଷ୍ଠୀର ନାମ | |
| ୬ | ଆବେଦନକାରୀ ସ୍ୱୟଂ ସହାୟକ ଗୋଷ୍ଠୀର କେବେ ଠାରୁ ସଦସ୍ୟା ଅଛନ୍ତି? | |
| ୭ | ସଭ୍ୟାଙ୍କର ଶିକ୍ଷାଗତ ଯୋଗ୍ୟତା | |
| ୮ | ସଭ୍ୟାଙ୍କର ମୋବାଇଲ ନମ୍ବର | |

ସଙ୍କଳ୍ପନାମା: ମୁଁ କୁମାରୀ/ଶ୍ରୀମତୀ ______________________ ବାପା/ସ୍ୱାମୀଙ୍କ ନାମ ______________________

ଏତଦବ୍ୟତୀତ ମୁଁ......................................................................, ଘୋଷଣା କରୁଅଛିକି, ମୋର ନିଜର **SMARTPHONE** ଅଛି ଏବଂ ମୁଁ ଯଦି ମନୋନିତ ହୁଏ, ତେବେ **MPOS Machine** ପାଇବା ପାଇଁ ଏହାର ଯୋଗ୍ୟ ମୂଲ୍ୟ ଟା ୧୦ , ୦୦୦ ଟଙ୍କା **refundable security deposit** ହିସାବରେ **Deposit** କରିବା ପାଇଁ ଇଚ୍ଛୁକ ଅଛି । ମୁଁ ବର୍ତ୍ତମାନ କୌଣସି ସରକାରୀ ଯୋଜନାରେ କାର୍ଯ୍ୟ କରୁନାହିଁ ଓ ମୋ ନାମରେ କୌଣସି ଅପରାଧିକ ମାମଲା ବା ରାଜନୈତିକ ସମ୍ପୃକ୍ତି ନାହିଁ । ଯଦି ଭବିଷ୍ୟତରେ କୌଣସି ପ୍ରମାଣ ମିଳେ ତେବେ ମୋ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମୁଁ ପ୍ରସ୍ତୁତ ଅଛି।

ଆବେଦନକାରୀ ସଭ୍ୟାଙ୍କ ସ୍ୱାକ୍ଷର

**ସଂଲଗ୍ନ** କରାଯାଇଥିବା **ଆବଶ୍ୟକୀୟ ଦସ୍ତାବିଜ :**

୧। ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ (ସାର୍ଟିଫିକେଟ୍ ଓ ମାର୍କସିଟ୍ ଉଭୟର ନକଲ ) ◯

୨। ଜନ୍ମ ତାରିଖର ପ୍ରମାଣପତ୍ରର ନକଲ (ଆଧାର କାର୍ଡ) ◯

୩। ସ୍ୱୟଂ ସହାୟକ ଗୋଷ୍ଠୀରେ କେବେ ସାମିଲ ହେଲେ ତାହାର ପ୍ରମାଣ (ଅଧିବେଶନ ବିବରଣୀ) ◯

୪। ସ୍ୱୟଂ ସହାୟକ ଗୋଷ୍ଠୀଦ୍ୱାରା ସଭ୍ୟାଙ୍କୁ ମନୋନୀତ କରାଯାଇଥିବା ଅଧିବେଶନ ବିବରଣୀର ନକଲ ◯

୫। ବ୍ୟକ୍ତିଗତ ବ୍ୟାଙ୍କ ପାସବୁକର ନକଲ । ◯

୬। ପାସପୋର୍ଟ ଫୋଟୋ- ୧ଟି ◯